## ବାଇକ୍ ଧକ୍କାରେ ମହିଳା ମୃତ

ତିହିଡ଼ି,(ସ୍ୱ.ପ୍ର.): ଭଦ୍ରକ ଜିଲା ତିହିଡ଼ି ଥାନା ଅନ୍ତର୍ଗତ ସନ୍ତପୁରାଛକ ଠାରେ ଏକ ବାଇକ୍ ଧକ୍କାରେ ସ୍ଥାନୀୟ ଦୌଲତପୁର ଗ୍ରାମର ସୁନାମଣୀ ପାଢ଼ୀ(୪୦)ଙ୍କର ମୃତ୍ୟୁ ଘଟିଛି। ସୁନାମଣୀ ସ୍ଥାନୀୟ ଲକ୍ଷ୍ମୀନାରାୟଣ ମନ୍ଦିରରୁ ମା'ଙ୍କୁ ଦର୍ଶନ ଶେଷ କରି ଘରକୁ ଫେରୁଥିବା ବେଳେ ପଛ ପଟରୁ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ସେ ଗୁରୁତର ଆହତ ହୋଇ ତିହିଡ଼ି ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

**ସଂକ୍ଷେପରେ**

## ହତ୍ୟା ଘଟଣାରେ ୩ ଗିରଫ

**ଧାମନଗର,୩୧।୧୦(ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ଦକ୍ଷିଣ ବାଡ ଗ୍ରାମର ସତ୍ୟଜିତ ପଣ୍ଡାଙ୍କୁ ହତ୍ୟା ଘଟଣାରେ ଧାମନଗର ଥାନା ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ ଶହିଦନଗରରୁ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ମୁନିସିପାଟଣାର ସନ୍ତୋଷ ଦଳାଇ, ଚନ୍ଦନ ଗୋଛାୟତ ଏବଂ କଣ୍ଟାବଣିଆ ଗ୍ରାମର ବସନ୍ତ ଭୁଡିଆ। ଏନେଇ ପୋଲିସ ଥାନାରେ ଏକ ହତ୍ୟା ମାମଲା (ନଂ.୨୪୧/୨୦) ରୁଜୁ କରି ତଦନ୍ତ ଜାରି ରଖିଛି।

ପୋଲିସ ସୂଚନା ଅନୁଯାୟୀ, ମୁନିସିପାଟଣା ଗ୍ରାମର ସନ୍ତୋଷ ଦଳେଇଙ୍କୁ ସତ୍ୟଜିତ ପୂର୍ବରୁ ଆକ୍ରମଣ କରି ଗୁରୁତର କରିଥିଲେ। ସନ୍ତୋଷ ଭଲ ହେବା ପରେ ସତ୍ୟଜିତଙ୍କ ଉପରେ ରାଗ ରଖି ଶୁକ୍ରବାର କେତେଜଣ ବନ୍ଧୁଙ୍କ ସହିତ ମିଶି ଆକ୍ରମଣ କରି ରାଗ ଶୁଝାଇଥିଲେ। ଏଥିରେ ସତ୍ୟଜିତଙ୍କର ମୃତ୍ୟୁ ଘଟିଥିଲା। ପରେ ଧାମନଗର ଥାନାରେ ଏନେଇ ଅଭିଯୋଗ ହୋଇଥିଲା। ଧାମନଗର ଥାନା ଆଇଆଇସି ରତିକାନ୍ତ ଗିରିଙ୍କ ନେତୃତ୍ୱରେ ଏସଆଇ ମୋତିଲାଲ ମାରାଣ୍ଡି,ଏସଆଇ ମହେଶ୍ୱର ପ୍ରଧାନ ଏବଂ ହୃଷିକେଶ ବିଶ୍ୱାଳ ଅଭିଯୁକ୍ତ ମାନଙ୍କ ମୋବାଇଲ ଟ୍ରାକିଂ ଦ୍ୱାରା ସହିଦ ନଗରରେ ଜଣକ ଘର ଉପରେ ଚଢ଼ାଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଛି।

## ହାଇୱା ଧକ୍କାରେ ପରିବା ବେପାରୀ ମୃତ

**ଧାମନଗର,୩୧।୧୦(ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ଶେଣ୍ଠପୁର ଗ୍ରାମର ପରିବା ବେପାରୀ ରବିନ୍ଦ୍ର ପରମାଣିକ (୪୦)ଙ୍କୁ ଚିପ୍ସ ବୋଝେଇ ହାଇୱା ଚାପି ଦେବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସେ ଶନିବାର ସକାଳ ସମୟରେ ଧାମନଗର ବଜାରରୁ ପରିବା ଧରି ଏକ ଲୁନାରେ ଦୋବଲ ଫେରୁଥିବାବେଳେ ଧାମନଗର ଦିଗରୁ ଏକ ଚିପ୍ସ ବୋଝେଇ ହାଇଓା ତାଙ୍କୁ ଧକ୍କା ଦେଇ ପ୍ରାୟ ୨ଶହ ମିଟର ପର୍ଯ୍ୟନ୍ତ ଘୋଷାରି ନେଇଥିଲା। ଧାମନଗର ପୋଲିସ ହାଇୱାକୁ ଜବତ କରିବାସହ ଏକ ମାମଲା (ନଂ.୨୪୨/୨୦) ରୁଜୁ କରି ତଦନ୍ତ ଚଳାଇଛି।

## ଅନ୍‌ଲାଇନ୍‌ରେ ପାଠ ପଢ଼ାଇବାକୁ ଦାବି

**ସଜନାଗଡ଼, ୩୧।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ଅନ୍ତର୍ଗତ ନୀଳଗିରି ବ୍ଲକ ଜାମୁଡ଼ିହାଠାରେ ଥିବା ଆଦର୍ଶ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରୀମାନଙ୍କର ପାଠପଢ଼ା କୋଭିଡ୍-୧୯ ପାଇଁ ସରକାର ବନ୍ଦ କରିଛନ୍ତି। ଅନ୍ୟ ସମସ୍ତ ବିଦ୍ୟାଳୟରେ ଅନ୍‌ଲାଇନ୍‌ରେ ପାଠପଢ଼ା ଯାଉଥିବା ବେଳେ ଆଦର୍ଶ ବିଦ୍ୟାଳୟରେ ଅନ୍‌ଲାଇନ୍‌ରେ ପାଠପଢ଼ା ଯାଉ ବୋଲି ବହୁ ଅଭିଭାବକ ବାଲେଶ୍ୱର ଜିଲାପାଳ, ବାଲେଶ୍ୱର ଡିଇଓ, ନୀଳଗିରି ଉପଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

# ବିଜ୍ଞାନରେ ଶୁଭେନ୍ଦୁ, ବାଣିଜ୍ୟରେ ସୌରଭ, କଳାରେ ସାଇଦୀପା ଟପ୍ପର

### ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପରୀକ୍ଷାଫଳ ପ୍ରକାଶିତ

**ଭଦ୍ରକ ଅଫିସ, ୩୧।୧୦**


ଶୁଭେନ୍ଦୁ ସିଦ୍ଧେଶ୍ୱର


ସୌରଭ


ସାଇଦୀପା।

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁକ୍ତ ୩ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ପୂର୍ବବର୍ଷ ଭଳି ଛାତ୍ରଙ୍କୁ ପଛରେ ପକାଇ ଅଧିକ ଛାତ୍ରୀ ଟପ୍ପର ହୋଇଛନ୍ତି। ସମୁଦାୟ ୨୦ଟି ବିଭାଗ ମଧ୍ୟରୁ ୧୩ଟିରେ ଛାତ୍ରୀ ଓ ୭ଟିରେ ଛାତ୍ର ଟପ୍ପର ହୋଇଛନ୍ତି। ପଦାର୍ଥ ବିଜ୍ଞାନରେ ଶୁଭେନ୍ଦୁ ସିଦ୍ଧେଶ୍ୱର ଲେଙ୍କା ୧୨୭୪, କଳାରେ ସଂସ୍କୃତ ବିଭାଗରେ ସାଇଦୀପା ବାରିକ ୧୨୦୦ ଓ ବାଣିଜ୍ୟରେ ସୌରଭ ନାୟକ ୧୧୩୫ ନମ୍ବର ରଖି ଟପ୍ପର ହୋଇଛନ୍ତି।

ସମୁଦାୟ ୩ଟି ବିଭାଗର ୧୯ଅନର୍ସ ବିଭାଗ ମଧ୍ୟରୁ ଇତିହାସ, ଦର୍ଶନଶାସ୍ତ୍ର, ରାଜନୀତି ବିଜ୍ଞାନ, ଗଣିତ ଓ କମ୍ପ୍ୟୁଟର ସାଇନ୍ସକୁ ବାଦ୍ ଦେଲେ ଅନ୍ୟ ସମସ୍ତ ୧୪ଟି ଅନର୍ସ ବିଭାଗରେ ଛାତ୍ରୀମାନେ ଟପ୍ପର ହୋଇଛନ୍ତି। ମହାବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରଣ କକ୍ଷ ସୂଚନା ଅନୁଯାୟୀ ଗତବର୍ଷର କଳା ପାସ୍ ହାର ୮୫.୯% ଥିଲା ବେଳେ ଚଳିତବର୍ଷ ପାସ୍‌ହାର ବଢ଼ି ୯୧%ରେ ପହଞ୍ଚିଛି। ସେହିଭଳି ଗତବର୍ଷ ବିଜ୍ଞାନରେ ୮୧ ପ୍ରତିଶତ ଥିବାବେଳେ ଚଳିତବର୍ଷ ପାସ୍ ହାର କମି ୮୦.୨ ପ୍ରତିଶତରେ ପହଞ୍ଚିଛି। ସେହିଭଳି ବାଣିଜ୍ୟରେ ପୂର୍ବବର୍ଷ ୬୮.୧୮ପ୍ରତିଶତ ଥିବା ବେଳେ ପାସ୍‌ହାର ବଢ଼ି ୮୩.୮ରେ ପହଞ୍ଚିଛି। କଳା ବିଭାଗର ଅର୍ଥନୀତିରେ ଗୀତାଞ୍ଜଳି ନାୟକ ୧୦୮୮, ଶିକ୍ଷାରେ ଗୁଲିସ୍ତାନ ପରୱିନ ୧୧୬୧, ଇଂରାଜୀରେ ଅପର୍ଣ୍ଣା ପ୍ରିୟଦର୍ଶନୀ ପରିଜା ୯୪୪, ହିନ୍ଦୀରେ ଶ୍ରୁତିପ୍ରଭା ବାରିକ ୯୪୫, ଇତିହାସରେ ସୁଭଦ୍ରା ରାଉତ ୯୦୭, ଗୃହବିଜ୍ଞାନରେ ଫିର୍ଦୌଶ ଖାତୁନ୍ ୧୧୨୩, ଓଡ଼ିଆରେ ରଶ୍ମିତା ବେହେରା ୧୦୮୮, ଦର୍ଶନ ଶାସ୍ତ୍ରରେ ଆଲୋକ ମହାଲିକ ୯୯୫, ରାଜନୀତି ବିଜ୍ଞାନରେ ଜି ସୌଗତ ୧୦୭୨, ମନସ୍ତତ୍ତ୍ୱ ବିଜ୍ଞାନରେ ଇତିଶ୍ରୀ ସାମଲ ୧୧୫୫, ସମାଜ ବିଜ୍ଞାନରେ ରାଧାରମଣ ସାହୁ ୧୦୫୩, ଉର୍ଦ୍ଦୁରେ ମାରୀୟା ଅଞ୍ଜୁମ୍ ୯୮୯ନମ୍ବର ରଖି ଟପ୍ପର ହୋଇଛନ୍ତି। ସେହିଭଳି ବାଣିଜ୍ୟରେ ସୌରଭ ନାୟକ ୧୧୫୩ ନମ୍ବର ରଖି ଟପ୍ପର ହୋଇଛନ୍ତି। ସେହିଭଳି ବିଜ୍ଞାନ ବିଭାଗର ଉଦ୍ଭିଦ ବିଜ୍ଞାନ ଅନର୍ସରେ ଅର୍ଚ୍ଚନା ପ୍ରଧାନ ୧୧୬୩, ରସାୟନ ବିଜ୍ଞାନରେ ଚନ୍ଦନ ବେହେରା ୧୨୪୩, କମ୍ପ୍ୟୁଟର ସାଇନ୍ସରେ ସୂର୍ଯ୍ୟକାନ୍ତ ସ୍ୱାଇଁ ୧୨୪୯, ଗଣିତରେ ପ୍ରିୟଦର୍ଶନୀ ଦାଶ ୧୨୦୪, ପ୍ରାଣୀବିଜ୍ଞାନରେ ଅଲିଭା ଜେନା ୧୨୪୨ନମ୍ବର ରଖି ଟପ୍ପର ହୋଇଛନ୍ତି। କଲେଜର ମୋଟ ୯୬୦ଜଣ ପରୀକ୍ଷା ଦେଇଥିବା ବେଳେ ୭୦୫ ଜଣ ପାସ୍ କରିଛନ୍ତି। ମୋଟ ପାସ୍‌ହାର ୮୩.୮ ପ୍ରତିଶତ ରହିଥିବା ଜଣାପଡ଼ିଛି। କଳାରେ ୩୩୩ଜଣ ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ୩୨୪ ଜଣ ପାସ୍ କରିଛନ୍ତି। ସେହିଭଳି ବିଜ୍ଞାନରେ ୨୪୨ ଜଣ ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ୨୨୧ଜଣ ଅର୍ଥାତ୍ ୮୦.୨ ପ୍ରତିଶତ ପାସ୍ ହୋଇଛନ୍ତି। ସେହିଭଳି ବାଣିଜ୍ୟରେ ୨୪୮ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ୨୩୪ ଜଣ ଅର୍ଥାତ୍ ୮୩.୮ ପ୍ରତିଶତ ପାସ୍ ହୋଇଛନ୍ତି। ଶନିବାର ଅଧ୍ୟକ୍ଷ ଡ.ଉମାକାନ୍ତ ସାମଲଙ୍କ ଦ୍ୱାରା ପରୀକ୍ଷା ଫଳାଫଳ ପୁସ୍ତିକା ପ୍ରକାଶିତ ହୋଇଥିଲା। ଏହି ଅବସରରେ ପରୀକ୍ଷା ନିୟନ୍ତ୍ରକ ଡ. ମୃତ୍ୟୁଞ୍ଜୟ ଦାସ, ଦିନେଶ ଚନ୍ଦ୍ର ଦାସ, ସୁବୋଧ କୁମାର ମିଶ୍ର, ସହ ପରୀକ୍ଷା ନିୟନ୍ତ୍ରକ ଲକ୍ଷ୍ମୀକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତାରେ ଜଳିଗଲା ଟ୍ରକ୍



**କେନ୍ଦୁଝର, ୩୧।୧୦(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ନରଣପୁର-ଡୁବୁରୀ ରାସ୍ତାର ପିଟାପିଟି ଗ୍ରାମର ଏକ ଢାବା ନିକଟରେ ଶନିବାର ସକାଳେ ଏକ ମାଲବୁହା ଟ୍ରକ୍‌ଟି ହୁତୁହୁତୁ ହୋଇ ଜଳି ଉଠିଥିଲା। ସୂଚନା ଅନୁଯାୟୀ ଗାଡିଟି ଶନିବାର ଭୋର ସକାଳୁ ଆଇରନ ମାଲ ଲୋଡିଙ୍ଗ ପାଇଁ ଯୋଡ଼ାକୁ ଯାଉଥିବାବେଳେ ଟ୍ରକ୍‌ଟି ଭାଇଭାଇ ଢାବା ନିକଟରେ ଠିଆ କରି ଡ୍ରାଇଭର ଚାହା ପିଉଥିବା ବେଳେ ଗାଡିଟି ଅଚାନକ ଜଳିଯାଇଥିଲା। ଏହି ଦୁର୍ଘଟଣାରେ ଡ୍ରାଇଭର ହେଲପର ସୁରକ୍ଷିତ ଅଛନ୍ତି। ଖବର ପାଇ ହରିଚନ୍ଦନପୁର ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଦୀର୍ଘ ୧ଘଣ୍ଟା ପରେ ନିଆଁକୁ ଆୟତ୍ତ କରିଥିଲେ। ତେବେ ଶର୍ଟ ସର୍କିଟ୍ ଯୋଗୁ ଏପରି ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି ।

# ମଉଳିଯାଉଛି କୁଆଁର ପୂନେଇଁ ମଉଜ

**ଭଣ୍ଡାରିପୋଖରୀ, ୩୧।୧୦(ଡି.ଏନ.ଏ.)**


ଆନନ୍ଦପୁର ଗ୍ରାମ ବୃନ୍ଦାବତୀ ପାଖରେ କୁମାରୀ ମାନେ ଚାନ୍ଦ ବନ୍ଦାପନା କରୁଛନ୍ତି।

କୁମାରପୂର୍ଣ୍ଣିମା ଓ ଗଜଲକ୍ଷ୍ମୀ ପୂଜା ଲାଗି ଭଣ୍ଡାରିପୋଖରୀ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି । ଗାଁଗହଳିରେ କୁମାରୀ ଝିଅମାନେ ଶନିବାର ସନ୍ଧ୍ୟାରେ ଚଉରାକୁ ବିଭିନ୍ନ ରଙ୍ଗବେରଙ୍ଗ ଫୁଲରେ ସଜାଇ ଜହ୍ନ ଆସିବା ପରେ ଚାନ୍ଦ ବନ୍ଦାପନା କରିଥିଲେ। କୁମାରୀମାନେ ନୂତନ ବସ୍ତ୍ର ପରିଧାନ କରି ମା' ବୃନ୍ଦାବତୀଙ୍କୁ ପୂଜାର୍ଚ୍ଚନା କରିବା ସହ ଚାନ୍ଦ ବନ୍ଦାପନା କରିଥିଲେ। ଏହି ଓଷାରେ କୁମାରୀମାନେ ପରମ୍ପରା ଅନୁଯାୟୀ ମଣ୍ଡା ପିଠା ଓ ଖଇ ଭୋଗ ଲଗାଇଥିଲେ। ଆଗଭଳି କୁମାରପୂର୍ଣ୍ଣିମା ପାଳନର ସରସତା ଆଉ କେଉଁଠି ଦେଖିବାକୁ ମିଳୁନାହିଁ। ଗାଁ ଗହଳିରେ ପରମ୍ପରା କେତେକାଂଶରେ ବଞ୍ଚି ରହିଥିଲେ ମଧ୍ୟ ପୁଚି ଖେଳ ଓ ଫୁଲବଉଳ ବେଣୀ ଗୀତ ଗାଇ ଉତ୍ସବ ପାଳିବା ମଉଜ ଆଉ ଦେଖିବାକୁ ମିଳୁନି। ଗାଁ ଚଉରା ମୂଳେ ଝୋଟି ଚିତ୍ର ଆଙ୍କି କୁମାରୀମାନେ ଆଗରୁ ଆମ କଳା ସଂସ୍କୃତିର ଝଲକ ପ୍ରଦର୍ଶନ କରୁଥିଲେ। ଜହ୍ନି, କାକୁଡି ଓ କଇଁ ଫୁଲରେ ଶୋଭା ପାଉଥିଲା ଗାଁ ଦାଣ୍ଡରେ ଥିବା ଚଉରା। ଏହି ପରମ୍ପରାକ୍ରମେ ହଜିଯିବାକୁ ବସିଲାଣି। କେବଳ କାମଚଳା ନ୍ୟାୟରେ ବିଧି ପାଳନ କରାଯାଉଛି। ସହରୀ ଜୀବନରେ କୁମାର ଉତ୍ସବର ସେମିତି ଆନନ୍ଦ ଉଲ୍ଲାସ ଆଉ ଦେଖିବାକୁ ମିଳୁନି।

## ୫ଲକ୍ଷ ଟଙ୍କାର ଦେଶୀମଦ ଜବତ

**ଭଦ୍ରକ ଅଫିସ, ୩୧।୧୦**

ଭଦ୍ରକଜିଲା ଅବକାରୀ ନିରୀକ୍ଷକ ଧନେଶ୍ୱର ବରାଡ଼ଙ୍କ ତତ୍ତ୍ୱାବଧାନରେ ଜିଲା ଅବକାରୀ ବିଭାଗର ଗୋଟିଏ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ଥାନା ଅଞ୍ଚଳରେ ଚଢ଼ାଉ କରି ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଚୋରା ଦେଶୀ ମଦ ଜବତ କରିବା ସହ ଏକ ପିକଅପ୍ ଭ୍ୟାନ୍, ଏକ ମୋଟର ସାଇକେଲ ଜବତ କରିଛି। ଏଥିରେ ସମ୍ପୃକ୍ତ ୮ ଜଣଙ୍କୁ ଗିରଫ କରାଯାଇଛି। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅର୍ଣ୍ଣପାଳ ବଜାର ନିକଟରୁ ଗୋଟିଏ ପିକଅପ ଭ୍ୟାନରୁ(ନଂ.ଓଡି ୦୧

**ପିକ୍‌ଅପ୍ ଭ୍ୟାନ ସହ ୮ ଗିରଫ**

ଏଏଫ୍ ୨୧୦୬)ରୁ ୫୦୦ ଲିଟର ଦେଶୀ ରନ୍ଧାମଦ ଜବତ କରିବା ସହିତ ସୋର ଥାନା ବାଲିପୁର ଗ୍ରାମର ନିରଞ୍ଜନ ମଲ୍ଲିକଙ୍କୁ ଗିରଫ କରାଯାଇଛି । ସେହିପରି ଅନ୍ୟ ଏକ ମୋଟର ସାଇକେଲରୁ (ନଂ.ଓଡି ୨୨ ପି ୪୦୭୯) ୫୦ ଲିଟର ଦେଶୀ ରନ୍ଧା ମଦ ଜବତ କରିବା ସହ ଧୁଷୁରୀ ଥାନା ଅନ୍ତର୍ଗତ ଶହୀଦନଗର ଗ୍ରାମର ଶରତ କୁମାର ନାୟକଙ୍କୁ ଗିରଫ କରାଯାଇଛି। ଏତଦ୍‌ଭିନ୍ନ ଗ୍ରାମାଞ୍ଚଳ ଥାନା ପଦ୍ମପୁର, ବାସୁଦେବପୁର ଥାନା ଅଠୁଆଁ, ରଥପଦା ଓ ଚୂଡାମଣି ମେରାଇନ ଥାନା ଚୁଡାମଣି ଗ୍ରାମ ଅଞ୍ଚଳରେ ଚଢାଉ କରାଯାଇ ୫୩୦ ଲିଟର ଦେଶୀ ରନ୍ଧା ମଦ,୧୭ ଲିଟର ଦେଶୀ ମଦ ଓ ୩୩ ଲିଟର ଜିଞ୍ଜାର ଜବତ କରିବା ସହିତ ୬ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ବ୍ୟକ୍ତିମାନେ ହେଲେ ପ୍ରଦୀପ ସାହୁ, ପ୍ରମୋଦ ମହାକୁଡ଼, ଲକ୍ଷ୍ମୀଧର ମହାକୁଡ଼, ବୁଲୁ ମଲ୍ଲିକ, ସନାତନ ମଲ୍ଲିକ ଓ ଶ୍ରୀହରି ଦାସ ।

## ୨ ଟ୍ରାକ୍ଟର ଜବତ, ୩୦ ହଜାର ଜରିମାନା

**କେନ୍ଦୁଝର, ୩୧।୧୦(ସ୍ୱ.ପ୍ର.)**

କେନ୍ଦୁଝର ତହସିଲ ପକ୍ଷରୁ ଚଢାଉ କରି ଶନିବାର ତୁଳସୀଚଉରା ମୌଜାରେ ଥିବା ମୋରମ କ୍ୱାରୀରୁ ୨ ଟ୍ରାକ୍ଟର ଜବତ ହୋଇଛି। ମୋରମ ଖୋଳି ଲୋଡ କରୁଥିବା ଖବର ପାଇ ସକାଳ ପ୍ରାୟ ୭ ଟାରେ ଏହି ଚଢାଉ କରାଯାଇଥିଲା। ଏହି ଟ୍ରାକ୍ଟର ଦୁଇଟି ରାଙ୍କି ଓ ଆଟପୁର ଅଞ୍ଚଳର ବୋଲି ଜଣାପଡିଛି । ତହସିଲ ପକ୍ଷରୁ ସେମାନଙ୍କ ଠାରୁ ୩୦ ହଜାର ଟଙ୍କା ଜରିମାନା କରାଯାଇଥିବା ଜଣାପଡିଛି ।

## ନୀଳଗିରିରେ ଝାଡ଼ଖଣ୍ଡୀ ପାଇଲଟ ଦନ୍ତା



**ସଜନାଗଡ, ୩୧।୧୦(ଡି.ଏନ.ଏ.)**

ଚଳିତବର୍ଷ ଝାଡ଼ଖଣ୍ଡ ହାତୀପଲ ଆଗମନ ପୂର୍ବରୁ ପାଇଲଟ୍ ଦନ୍ତା ଶନିବାର ଭୋର ସମୟରେ ନୀଳଗିରିକୁ ପ୍ରବେଶ କରିଛି। କାଠପାଳ ଦେଇ ଚିରାଚରିତ ରାସ୍ତାରେ ହାତୀ ପ୍ରବେଶ କରି ପ୍ରଥମେ ଗୋପାଳପୁର ସଂରକ୍ଷିତ ଓ ପରେ ତିନିକୋଶିଆ ସଂରକ୍ଷିତ ଜଙ୍ଗଲରେ ପଶିଥିବା ବେଳେ ଆସିବା ବାଟରେ ଫସଲ ଦଳି ମକଚି ବ୍ୟାପକ କ୍ଷତି କରିଥିବା ଜଣାଯାଇଛି। ଏହି ହାତୀ ପଛରେ ଏକ ହାତୀପଲ ମୟୂରଭଞ୍ଜ ମୋରଡା ଦେଉଳି ରେଞ୍ଜ ପାଖାପାଖି ରହିଛନ୍ତି। ଏହି ହାତୀପଲରେ ୪୦ରୁ ଊର୍ଦ୍ଧ୍ୱ ହାତୀ ଅଛନ୍ତି। ଏନେଇ ବନାଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି। ବିଲରେ ଏବେ ଧାନ ପାଚିବା ଆରମ୍ଭ ହେଉଥିବା ବେଳେ ହାତୀ ଖୁବଶୀଘ୍ର ଆସିଯାଇଥିବାରୁ ଚାଷୀଙ୍କ ମୁଣ୍ଡରେ ଚଡକ ପଡିଛି। ଲୋକଙ୍କ ଜୀବନ, ଫସଲନଷ୍ଟ ସହ ହାତୀପଲର କ୍ଷତି ନ ହେବାକୁ ଉଭୟ ନୀଳଗିରି ଓ କୁଲଡିହା ବନଵିଭାଗ ହାତୀର ଗତିପଥ ଉପରେ ନଜର ରଖିଥିବା ଜଣାପଡିଛି। ଅନ୍ୟପକ୍ଷରେ ହାତୀ ଜନବସତିମୁହାଁ ନ ହେବା ପାଇଁ ସଂରକ୍ଷିତ ଜଙ୍ଗଲ ଚାରିପାଖରେ ଲଗାଯାଇଥିବା ସୌରତାର ବାଡ ବହୁ ସ୍ଥାନରେ ନଷ୍ଟ ହୋଇଯାଇଛି। ଜଙ୍ଗଲ ଚାରିପାଖରେ ଖୋଳାଯାଇଥିବା ଟ୍ରେଞ୍ଚ କିଛି କିଛି ସ୍ଥାନରେ ପୋତି ହୋଇଯାଇଛି। ଯୁଦ୍ଧକାଳୀନ ପରିସ୍ଥିତି ମରାମତି କାର୍ଯ୍ୟ କରିବା ପାଇଁ ବନାଞ୍ଚଳବାସୀ ଦାବି କରିଛନ୍ତି।

# ପଥରରେ ଛେଚି ହେଲପ୍‌ରଙ୍କୁ ହତ୍ୟା

**ଯୋଡ଼ା, ୩୧।୧୦(ଡି.ଏନ.ଏ.)**

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଦୁବୁନା ନିକଟସ୍ଥ ଏକ ପଡିଆରେ ଜଣେ ଡମ୍ପର ହେଲପରଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ଜଣାପଡିଛି। ମୃତ ହେଲପରଙ୍କ ନାମ ବିପିନ ବାରିକ (୨୨)। ତାଙ୍କ ଘର ସୁନ୍ଦରଗଡ ଜିଲା ବଣେଇ ଅଞ୍ଚଳର ନଗରିଆ ଗ୍ରାମରେ। ସେ ଦୀର୍ଘ ଏକ ବର୍ଷରୁ ଊର୍ଦ୍ଧ୍ୱ ହେବ ଦୁବୁନା ଗ୍ରାମର ଜଣଙ୍କ ଘରେ ରହି ତାଙ୍କ ଡମ୍ପରରେ ହେଲପର ଭାବେ କାର୍ଯ୍ୟ କରୁଥିଲେ। ଶନିବାର ଉକ୍ତ ଗ୍ରାମର ପଡିଆ ଠାରେ ବିପିନ ବାରିକଙ୍କୁ ପଥରରେ ଛେଚି କ୍ଷତ ବିକ୍ଷତ ଅବସ୍ଥାରେ ତାଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଜଣାଇଥିଲେ। ଏସମ୍ପର୍କରେ ପୋଲିସ ସ୍ଥାନୀୟ ଲୋକଙ୍କୁ ପଚରାଉଚରା ମଧ୍ୟ କରିଛି। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ୍ ସନ୍ଦେହ କରିଛି। ଘଟଣାସ୍ଥଳରେ ବାମେବାରୀ ପୋଲିସ୍ ସାଇଣ୍ଟିଫିକ୍ ଟିମ୍ ସହିତ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏନେଇ ବାମେବାରୀ ଥାନାରେ ଏକ ମାମଲା (ନଂ.୧୪୭/୨୦) ରୁଜୁ ହୋଇଛି।

# ପଶୁପକ୍ଷୀଙ୍କ ସାଥୀ ଅଜୟ


କୁକୁରମାନଙ୍କୁ ଅଜୟ ଖାଦ୍ୟ ଦେଉଛନ୍ତି।

**ଖଇରା, ୩୧।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ହରିପୁର ପଞ୍ଚାୟତ ଯୋରାଗଡିଆ ଗ୍ରାମର ଏକ ଭିନ୍ନ ମଣିଷ ଅଜୟ ସ୍ୱାଇଁ। ପଶୁପକ୍ଷୀଙ୍କ ପ୍ରତି ରହିଛି ତାଙ୍କର ଅନାବିଳ ପ୍ରେମ। ଲକ୍‌ଡାଉନ ସମୟରେ ସେ ପଶୁପକ୍ଷୀଙ୍କୁ ନିୟମିତ ଆହାର ଯୋଗାଇ ସର୍ବ ସମ୍ମୁଖରେ ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି। ତାଙ୍କର ଜୀବନ ଶୈଳୀ ସମ୍ପୂର୍ଣ୍ଣ ନିଆରା। ପ୍ରତ୍ୟେକ ସକାଳେ ସେ ଗାଧେଇବା ପରେ ଘର ଛାତ ଉପରକୁ ଯାଇ ପାରା,କାଉ ବଣିମାନଙ୍କୁ ଖାଦ୍ୟ ଦେଇଥାନ୍ତି। ବାଡିରେ ଥିବା ପିମ୍ପୁଡିମାନଙ୍କୁ ଖାଦ୍ୟ ଦେଇ କୁପାରୀ ବଜାରକୁ ଯାଆନ୍ତି। ସେଠାରେ ମଧ୍ୟ କାଉ ଓ କୁକୁରଙ୍କୁ ଆହାର ଦେଇଥାନ୍ତି । ଏସବୁ କାମ ପରେ ସେ ନିଜେ ଜଳପାନ କରିଥାନ୍ତି । ମାସର ଅନ୍ତତଃପକ୍ଷେ ଥରେ ଚଣ୍ଡିଖୋଲସ୍ଥିତ ଚଣ୍ଡିମନ୍ଦିରକୁ ଯାଇ ସେଠାରେ ମାଙ୍କଡମାନଙ୍କୁ ପର୍ଯ୍ୟାପ୍ତ ଭୋଜନ ଦେବାରେ ତାଙ୍କୁ ଅତ୍ୟନ୍ତ ଆନନ୍ଦ ମିଳିଥାଏ । ସେହିଭଳି ହାଟଡିହି ବ୍ଲକର ଗଡଚଣ୍ଡି, ମୟୂରଭଞ୍ଜ ଜିଲାର ସମବୃକ୍ଷ ଆଦି ସ୍ଥାନକୁ ଯାଇ ସେଠାରେ ମଧ୍ୟ ପଶୁପକ୍ଷୀଙ୍କୁ ଆହାର ଯୋଗାଇ ନିଆରା ପରିଚୟ ସୃଷ୍ଟି କରିଛନ୍ତି । ପୂର୍ବରୁ ବିଜେଡିର ବିଭିନ୍ନ ପଦରେ ଅଭିଷିକ୍ତ ଥିବା ଅଜୟ ବର୍ତ୍ତମାନ ମାନବ ଅଧିକାର ମିଶନର ରାଜ୍ୟ ଉପସଭାପତି ଦାୟିତ୍ୱରେ ଅଛନ୍ତି। ଅସହାୟ ନିଷ୍ପେସିତଙ୍କ ପାଇଁ ଲଢୁଥିବା ଅଜୟଙ୍କ ଏଭଳି କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି। ପଶୁପକ୍ଷୀଙ୍କୁ ଖାଦ୍ୟ ନ ଦେବା ପର୍ଯ୍ୟନ୍ତ ସେ ଖାଦ୍ୟ ଗ୍ରହଣ କରି ନ ଥାନ୍ତି। ଲକ୍‌ଡାଉନରେ ଦୋକାନ ବଜାର ବନ୍ଦ ଥିବା ବେଳେ ସେ ନିଜର କର୍ତ୍ତବ୍ୟ ପାଳନ କରିବାକୁ ଯାଇ ଗୋଟିଏ ଦିନ ବି ପଶୁପକ୍ଷୀଙ୍କୁ ଆହାର ଦେବାକୁ ଭୂଲି ନ ଥିଲେ ବୋଲି ଭାବବିହ୍ୱଳ ଢଙ୍ଗରେ କହିଛନ୍ତି ।

## ଘରୋଇ କଳିରୁ ଯୁବକଙ୍କ ଆତ୍ମହତ୍ୟା

**ଢେଙ୍କିକୋଟ, ୩୧।୧୦(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ପିପିଳିଆ ପଞ୍ଚାୟତ ଅସନବଣି ଗ୍ରାମରେ ଘରୋଇ କଳିରୁ ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ସଞ୍ଜୟ ନାୟକ। ପୋଲିସ ସୂଚନା ଅନୁଯାୟୀ, ସଞ୍ଜୟ ଶୁକ୍ରବାର ରାତିରେ ମଦ୍ୟପାନ କରି ଘରକୁ ଆସିଥିଲେ। ତାଙ୍କ ବାପା ମା' ଏହାକୁ ବାରଣ କରିବାରୁ କଥା କଟାକଟି ହୋଇଥିଲା। ଏଥିରେ ସଞ୍ଜୟ ରାଗିଯାଇ ରାତିରେ ଘର ନିକଟ ଜଙ୍ଗଲରେ ଥିବା ଏକ ମହୁଲ ଗଛରେ ଚଢି ବେକରେ ରଶି ଲଗାଇ ଦେଇଥିଲେ। ଘର ଲୋକ ଦେଖିବାପରେ ତାଙ୍କୁ କେନ୍ଦୁଝର ଡାକ୍ତରଖାନା ନେଇଥିଲେ ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡ଼ା, ମହିଳା କନେଷ୍ଟବଳ ଛବିରାଣୀ ନାଏକ ଡାକ୍ତରଖାନାରେ ପହଞ୍ଚି ମୃତ ଦେହ ଜବତ କରିଥିଲେ। ଏନେଇ ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪୦/୨୦) ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।



ବାଲେଶ୍ୱରବାସୀ ସମସ୍ତ ଗୁରୁଜନଙ୍କୁ ପ୍ରଣାମ ଜଣାଉଛି । ଭାଇ ଭଉଣୀ ଓ ସାଥିମାନଙ୍କୁ ଶୁଭେଚ୍ଛା ଜଣାଉଛି । ଆପଣମାନେ ଲକ୍ଷ୍ୟ କରିଥିବେ, ସାଧାରଣତଃ ନିର୍ବାଚନରେ ପରାଜିତ ହେବା ପରେ ପ୍ରାର୍ଥୀମାନେ ଆଉ ନିର୍ବାଚନମଣ୍ଡଳୀକୁ ଯାଆନ୍ତି ନାହିଁ। କିନ୍ତୁ ବାଲେଶ୍ୱର ମୋର କର୍ମ ଭୂମି । ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ବାଲେଶ୍ୱର ଅଂଚଳର ବିକାଶ ପାଇଁ ମୁଁ କାମ କରିବି ବୋଲି ସଂକଳ୍ପ ନେଇଛି । ତେଣୁ ଗତ ସାଧାରଣ ନିର୍ବାଚନରେ କଂଗ୍ରେସ ଦଳର ଲୋକସଭା ପ୍ରାର୍ଥୀ ହୋଇ ଏଠାରୁ ମୁଁ ପରାଜିତ ହୋଇଥିଲେ ମଧ୍ୟ ଆପଣମାନଙ୍କ ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବା ମତେ ଋଣୀ କରିଦେଇଛି । ତେଣୁ ବାତ୍ୟା, ବନ୍ୟା ଠାରୁ ଆରମ୍ଭ କରି କରୋନା ଲକଡାଉନ୍ ସମୟରେ ବାଲେଶ୍ୱର ଅଂଚଳର ଜନସାଧାରଣଙ୍କ ଦୁଃଖ, ସୁଖ ବୁଝିବା ପାଇଁ ମୁଁ ମୋ ସାଧ୍ୟମତେ ଚେଷ୍ଟା କରିଛି ।
ଏବେ ଉପନିର୍ବାଚନର ସମୟ । ମୁଁ ଇଚ୍ଛା କରିଥିଲି, ଏହି ସଦର ଆସନର ପ୍ରତିଟି ଲୋକଙ୍କ ଘରକୁ ଯିବି, ସେମାନଙ୍କ ସହଯୋଗ କାମନା କରିବି । କିନ୍ତୁ ମାତ୍ର କେତୋଟି ଦିନ ଆପଣମାନଙ୍କ ଗହଣରେ ବିତେଇଛି କି ନାହିଁ କରୋନାରେ ଆକ୍ରାନ୍ତ ହେଲି । ଯାହାଫଳରେ ମୋତେ ଏକାନ୍ତରେ ଆସି ଚିକିତ୍ସିତ ହେବାକୁ ପଡୁଛି ।
କରୋନା ଆକ୍ରାନ୍ତ ହୋଇ ଏକାନ୍ତରେ ରହୁଥିଲେ ମଧ୍ୟ ମୋ ଆଖିରେ ଆପଣମାନେ ହିଁ ଦିଶିଯାଉଛନ୍ତି । ମୁଁ କେବଳ ଆପଣମାନଙ୍କ କଥା ହିଁ ଚିନ୍ତା କରୁଛି ।
ବାଲେଶ୍ୱରରେ କିପରି ଅଧିକରୁ ଅଧିକ କଳକାରଖାନା ବସିବ, ବନ୍ଦ ହୋଇଯାଇଥିବା କଳକାରଖାନା କିପରି ପୁଣି ଚାଲୁ ହେବ, ଯୁବକଯୁବତୀମାନେ କିପରି ଅଧିକରୁ ଅଧିକ ରୋଜଗାର କରିବେ, ସେଥିପାଇଁ ମୋର ଚିନ୍ତା ।
ବାଲେଶ୍ୱରରେ ରହିବା ଦ୍ୱାରା ଅଧିକରୁ ଅଧିକ ଲୋକ କାଳେ ମୋ ସଂସ୍ପର୍ଶରେ ଆସି ଆକ୍ରାନ୍ତ ହେବେ, ତେଣୁ ମୁଁ ଚାଲି ଆସିଲି । ଭାବୁଛି, ଏ ଦୁଃସମୟ ଅଧିକ ସମୟ ରହିବ ନାହିଁ । ମୁଁ ଖୁବ୍ ଶୀଘ୍ର ଆପଣମାନଙ୍କ ପାଖରେ ଯାଇ ପହଂଚିବି ।
ମୋର ଆପଣମାନଙ୍କୁ ନିବେଦନ ନିନ୍ଦୁକମାନଙ୍କ କଥା ଶୁଣନ୍ତୁ ନାହିଁ । ବାଲେଶ୍ୱରରେ ପରିବର୍ତ୍ତନର ଧାରା ଆରମ୍ଭ କରନ୍ତୁ । ଆପଣମାନେ ସ୍ୱାଭିମାନୀ । ଆପଣମାନେ ସ୍ନେହୀ ଓ ଦରଦୀ । ଗତ ନିର୍ବାଚନରେ ଆପଣମାନେ ମୋତେ ଯେଉଁ ସ୍ନେହ ଶ୍ରଦ୍ଧା ଦେଇଛନ୍ତି, ତାହା ମୁଁ ସାରାଜୀବନ ଭୁଲି ପାରିବି ନାହିଁ।
ଏଥର କଂଗ୍ରେସଦଳର ପ୍ରାର୍ଥୀ ଶ୍ରୀମତୀ ମମତା କୁଣ୍ଡୁ ଜଣେ ଅତ୍ୟନ୍ତ ଦକ୍ଷ ମହିଳା । ବାଲେଶ୍ୱରବାସୀଙ୍କ ସମ୍ମାନ ରକ୍ଷା ପାଇଁ ସେ ସବୁବେଳେ ଆଗରେ । ବାଲେଶ୍ୱର ସହରର ରାସ୍ତାଘାଟର ସମସ୍ୟା, ଜଳ ନିଷ୍କାସନର ସମସ୍ୟା ସେ ଉପଯୁକ୍ତ ଭାବେ ବିଧାନସଭାରେ ଉପସ୍ଥାପିତ କରିପାରିବେ ।
ମୁଁ ହାତଯୋଡି ଆପଣମାନଙ୍କୁ ନିବେଦନ କରୁଛି, ମମତା କୁଣ୍ଡୁଙ୍କୁ ହାତ ଚିହ୍ନରେ ଭୋଟ ଦିଅନ୍ତୁ । ବାଲେଶ୍ୱରରେ ପରିବର୍ତ୍ତନର ମୂଳଦୁଆ ପକାନ୍ତୁ ।
ଆପଣ ସମସ୍ତଙ୍କୁ ଆଉଥରେ ଶୁଭେଚ୍ଛା ଜଣାଉଛି ଓ ମମତାକୁଣ୍ଡୁଙ୍କୁ ହାତ ଚିହ୍ନରେ ଭୋଟ୍ ଦେବା ପାଇଁ ନିବେଦନ କରୁଛି ।

।। ଜୟ ବାଲେଶ୍ୱର ।।




## ଚାନ୍ଦ ପୂଜିଲେ କୁମାରୀ

ଢେଙ୍କିକୋଟ,( ଡି.ଏନ.ଏ.)- କେନ୍ଦୁଝର ଜିଲାର ଢେଙ୍କିକୋଟ ବ୍ଲକରେ ଆନନ୍ଦ ଉଲ୍ଲାସର ସହିତ କୁମାର ଉତ୍ସବ ପାଳିତ ହୋଇଯାଇଛି। କୁଆଁରୀ ଝିଅ ମାନେ ସନ୍ଧ୍ୟାରେ ଗ୍ରାମ ପୋଖରୀକୁ ଯାଇ ପୂଜା ପାଠ କରି ସ୍ନାନ କରି ଘର ଅଗଣାରେ ଥିବା ତୁଳସୀ ଚଉରା ମୂଳେ ବିଭିନ୍ନ ରଙ୍ଗର ମୁରୁଜରେ ସଜେଇ ପୂର୍ବ ଆକାଶରେ ବାହାରୁଥିବା ପୂର୍ଣ୍ଣଚନ୍ଦ୍ରକୁ ଦୀପ ଧୂପଜାଳି ଫଳ ଫୁଲ ନେଇ ବନ୍ଦାପନା କରି ପୂଜା କରିଛନ୍ତି।



## ସଂକ୍ଷେପରେ

### ନିର୍ମାଣ କାର୍ଯ୍ୟ ତଦାରଖ କଲେ ପ୍ରକଳ୍ପ ନିର୍ଦ୍ଦେଶକ

**ବନ୍ତ,୩୧।୧୦(ସ୍ୱ.ପ୍ର.):** ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡା ଜୋନ ପୁରୁଷଣ୍ଡ ପଞ୍ଚାୟତର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ ଶନିବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାଶ ତଦାରଖ କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀ ମାନଙ୍କ ଘରକୁ ଯାଇ ନିର୍ମାଣ କାର୍ଯ୍ୟ ତଦାରଖ କରିବା ସହିତ ଧାର୍ଯ୍ୟ ସମୟରେ ନିର୍ମାଣ କାର୍ଯ୍ୟ ଶେଷ କରି ପ୍ରୋତ୍ସାହନ ରାଶି ପାଇବାର ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ। ବିଟିପୁର ପଞ୍ଚାୟତର ନୂତନ କାର୍ଯ୍ୟାଳୟ ପରିଦର୍ଶନ କରି ଅସମ୍ପୂର୍ଣ୍ଣ କାର୍ଯ୍ୟ ନଭେମ୍ବର ମାସରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିଦର୍ଶନରେ ବିଡିଓ ରେବିକା ବିଲୁଙ୍ଗ, ସହାୟକ ଯନ୍ତ୍ରୀ ବଳରାମ ମହାନ୍ତି, କନିଷ୍ଠ ଯନ୍ତ୍ରୀ ପ୍ରଜ୍ଞା ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ ବୀରକିଶୋର ନାୟକ, ବିକାଶ ସାହୁ, ବିଟିପୁର ସରପଞ୍ଚ ସତ୍ୟବାନ ଦାଶ, ପୁରୁଷଣ୍ଡ ସରପଞ୍ଚ ପ୍ରତିନିଧି କାର୍ତ୍ତିକ ଜେନା ଉପସ୍ଥିତ ଥିଲେ।

### ଜାତୀୟ ଏକତା ଦିବସ ପାଳିତ

**ବାରିପଦା ଅଫିସ,୩୧।୧୦:** ବାରିପଦା ତକତପୁରସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ଏକତା ଦିବସ ଉପଲକ୍ଷେ ଏନଏସଏସ୍ ପକ୍ଷରୁ ଅନଲାଇନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏନ୍ଏସ୍ଏସ୍ର ପ୍ରୋଗ୍ରାମ ଅଫିସର ଡ. ଆଲବର୍ଟିନା ତିର୍କି, ଡ. ପ୍ରିୟବ୍ରତ ବେହେରା, ଡ.ଅନାମ ଚନ୍ଦ୍ର ରାଉଳ, ଡ.ସଉନା ମାଝୀ ପ୍ରମୁଖ ଉପସ୍ଥିତ ରହି ଏକତା ପ୍ରତିଜ୍ଞା ପାଠ କରାଇଛନ୍ତି। ଏହା ସହିତ ରାଷ୍ଟ୍ରର ଅଖଣ୍ଡତା,ଏକତା, ସୁରକ୍ଷା ତଥା ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜିବନୀ ଓ ଚିନ୍ତାଧାରା ବିଷୟରେ ସବିଶେଷ ଆଲୋଚନା କରିଛନ୍ତି। ଏଥିରେ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ, ଛାତ୍ରୀଛାତ୍ର ଓ କର୍ମଚାରୀମାନେ ସହଯୋଗ କରିଛନ୍ତି। ସେହିପରି ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଏହି ଦିବସ ପାଳିତ ହୋଇଛି। ବିଦ୍ୟାଳୟର 'ଏକ ଭାରତ ଶ୍ରେଷ୍ଠ ଭାରତ' କ୍ଲବ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଡ. ପ୍ରଜ୍ଞାପାରମିତା ଜେନା ଉପସ୍ଥିତ ରହି ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତା ପ୍ରତିଷ୍ଠା କରିବା ଦିଗରେ ଆଲୋଚନା କରିଛନ୍ତି।
ଶିକ୍ଷକ ଅଭିତାଭ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶିକ୍ଷକ ଡ.ଶଶିଧର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଛନ୍ତି।
**ପାଟଣା:**କେନ୍ଦୁଝର ଜିଲା ପାଟଣା ବ୍ଲକ ସରକାରୀ ବିଦ୍ୟାଳୟ ଓ କାର୍ଯ୍ୟାଳୟ ମାନଙ୍କ ରେ ଶନିବାର ରାଷ୍ଟ୍ରର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀକୁ ଜାତୀୟ ଏକତା ଦିବସ ନିରାଡ଼ମ୍ବର ଭାବେ ପାଳନ କରାଯାଇଛି। ପାଟଣା ମୁଖ୍ୟାଳୟ ସ୍ଥିତ ପାଟଣା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ସରକାରୀ ପ୍ରାଥମିକ ବିଦ୍ୟାଳୟ ସାନ ଜାମୁପଶିରେ ଏହି ଦିବସ ପାଳିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ନେତା କମଳା କାନ୍ତ ପତି, ବିର ମୋହନ ଦ୍ୱିବେଦୀ, କ୍ଷେତ୍ରମୋହନ ମହାନ୍ତ ଓ ପ୍ରକାଶ ମିଶ୍ର ପ୍ରମୁଖ ଯୋଗ ଦେଇ ବଲ୍ଲଭ ଭାଇ ପଟେଲଙ୍କ ଫଟୋ ଚିତ୍ର ରେ ମାଲ୍ୟାର୍ପଣ କରିବା ସହ ତାଙ୍କର ସ୍ମୃତିଚାରଣ କରିଥିଲେ।

### ସାଇ ଡିଗ୍ରୀ କଲେଜର ସଫଳତା

**ବାରିପଦା ଅଫିସ,୩୧।୧୦:** ବାରିପଦା ସ୍ଥିତ ସାଇ ଡିଗ୍ରୀ କଲେଜରେ ଚଳିତ ବର୍ଷ +୩ ସ୍ନାତକ ପରୀକ୍ଷାରେ ଛାତ୍ରୀଛାତ୍ରମାନେ ବେଶ ସଫଳତା ଅର୍ଜନ କରିଛନ୍ତି। ମହାବିଦ୍ୟାଳୟର ୪୦ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଦୁଇ ଜଣ ଜିଲାସ୍ତରୀୟ ସହ ଏ+, ୧୪ଜଣ ଏ ଡିଷ୍ଟିଙ୍ଗସନ, ୧୨ଜଣ ବି+ ଡିଷ୍ଟିଙ୍ଗସନ ଏବଂ ୯ଜଣ ବି ଡିଷ୍ଟିଙ୍ଗସନ ଗ୍ରେଡରେ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଏ+ ଡିଷ୍ଟିଙ୍ଗସନରେ ପଦାର୍ଥ ବିଜ୍ଞାନ ସମ୍ମାନର କିରଣ କୁଣ୍ଡୁ ଓ ରସାୟନ ବିଜ୍ଞାନ ସମ୍ମାନରେ ପ୍ରଜ୍ଞାଶ୍ରୀ ପୃଷ୍ଟି, ଏ ଡିଷ୍ଟିଙ୍ଗସନରେ ଗଣିତ ସମ୍ମାନରେ ସୁମନ୍ତ କୁମାର ବେହେରା ଓ ଉଦ୍ଭିଦ ବିଜ୍ଞାନ ସମ୍ମାନରେ ମେଘା ନନ୍ଦ ଓ ପ୍ରାଣୀ ବିଜ୍ଞାନ ସମ୍ମାନରେ ବର୍ଷା ନନ୍ଦ ସ୍ନାତକ ପାଇ ପ୍ରତି ବିଭାଗରେ ସର୍ବୋଚ୍ଚ ନମ୍ବର ରଖିଛନ୍ତି। ଚଳିତ ବର୍ଷ ଆଇଆଇଟି ଜାମ ପରୀକ୍ଷାରେ ରସାୟନ ବିଜ୍ଞାନର ଛାତ୍ରୀ ପ୍ରଜ୍ଞାଶ୍ରୀ ପୃଷ୍ଟି ସର୍ବଭାରତୀୟ ସ୍ତରରେ ସଫଳତା ଅର୍ଜନ କରିଛନ୍ତି। ଏହି ସଫଳତା ପାଇଁ କଲେଜର ସମ୍ପାଦକ ଅମୀୟ ଶଙ୍କର ସାହୁ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇବା ସହିତ ଛାତ୍ରୀଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ମାସେ ଧରି ଟେଲିସେବା ଠପ୍

**ରୂପ୍ସା, ୩୧।୧୦(ଡି.ଏନ.ଏ.)**

■ଲ୍ୟାଣ୍ଡଫୋନ୍ରୁ ମୁହଁ ଫେରାଉଛନ୍ତି ଉପଭୋକ୍ତା
■୭ଶହ ସଂଯୋଗ ୫୦ରେ ପହଞ୍ଚିଲାଣି

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍ସାରେ ଟେଲିସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଟେଲି ସେବା କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ସାଙ୍ଗକୁ ବିଭାଗୀୟ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଉପଭୋକ୍ତା ମହଲରେ ଅସନ୍ତୋଷ ଦେଖାଦେଇଛି। ମାସେ ଧରି ବିଏସଏନଏଲ ସେବା ଠପ୍ ଯୋଗୁ ସରକାରୀ କାର୍ଯ୍ୟାଳୟରୁ ବ୍ୟବସାୟୀମାନେ ଉଚିତ୍ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ବାରମ୍ବାର ଅଭିଯୋଗ ପରେ ବି ଅଧିକାରୀଙ୍କ ଦର୍ଶନ ମିଳୁ ନ ଥିବା ଉପଭୋକ୍ତାମାନେ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ, ରୂପ୍ସା ଟେଲିସେବା କେନ୍ଦ୍ର ଅଧୀନରେ କସିପଦା, ରୂପ୍ସା, ଆଙ୍ଗୋ, ଗଡ଼ପଦା, ରାଉତପଡ଼ା ଆଦି ପଞ୍ଚାୟତର ୫୦ଗ୍ରାମରେ ୭ଶହ ଉପଭୋକ୍ତା ଲ୍ୟାଣ୍ଡଲାଇନ ସଂଯୋଗ କରି ସେବା ପାଉଥିଲେ। ଏଠାରେ ୨ଜଣ ରେଗୁଲାର ଷ୍ଟାଫ ଓ ୨ଜଣ ଠିକା କର୍ମଚାରୀ କାର୍ଯ୍ୟ କରୁଥିଲେ। ମାତ୍ର ଏବେ କେବଳ ଜଣେ ଠିକା କର୍ମଚାରୀ ରହି କାର୍ଯ୍ୟ ତୁଲାଉଛନ୍ତି। ବାରମ୍ବାର ଟେଲି ସେବା ବାଧାପ୍ରାପ୍ତ ଫଳରେ ୨୦୧୫ରୁ ପର୍ଯ୍ୟାୟକ୍ରମେ ଉପଭୋକ୍ତାମାନେ ଲ୍ୟାଣ୍ଡଲାଇନ୍ ବିଚ୍ଛିନ୍ନ କରି ଏବେ ଉପଭୋକ୍ତାଙ୍କ ସଂଖ୍ୟା ୫୦ରେ ପହଞ୍ଚିଛି। ସେପ୍ଟେମ୍ବର ୩୦ରୁ ଲ୍ୟାଣ୍ଡଲାଇନ୍ ସଂଯୋଗ ପାଇଁ ବ୍ୟବହୃତ ମେନକାର୍ଡ଼ ନଷ୍ଟ ହୋଇଯିବା ଫଳରେ ଉପଭୋକ୍ତାମାନେ ସେବାରୁ ବଞ୍ଚିତ ରହିଛନ୍ତି। ବିଦ୍ୟୁତ୍ କାର୍ଯ୍ୟାଳୟ, ଥାନା, ଝୋଟକଳ, ମେଡ଼ିକାଲ ସମେତ ବହୁ ବ୍ୟବସାୟ ପ୍ରତିଷ୍ଠାନରେ ସେବା ବନ୍ଦ ରହିବା ଫଳରେ ଜରୁରୀ କାର୍ଯ୍ୟ ସମ୍ପାଦନ ହୋଇପାରୁନି। ଏଯାବତ୍ ବିଭାଗୀୟ ଅଧିକାରୀ ଟେଲି ସେବା କେନ୍ଦ୍ରରେ ପହଞ୍ଚି ନାହାନ୍ତି କି ବିଭାଗ ତରଫରୁ ମରାମତି ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଉପଭୋକ୍ତା ରାମଚନ୍ଦ୍ର ରଣା କହିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଏସ୍ଡ଼ିଓ ସୁମନ୍ତ କୁଣ୍ଡୁଙ୍କୁ ପଚରାଯିବାରୁ ସେ କହିଲେ, ଅଭିଯୋଗ ଆସିଛି, ଟେଲି ସେବା ପ୍ରଦାନ ଦିଗରେ ବ୍ୟବସ୍ଥା କରାଯିବ।

# ଇନ୍ଦିରା ଗାନ୍ଧୀଙ୍କ ବଳିଦାନ ଦିବସ



ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ପୂର୍ବତନ ଏମ୍ପି ଅଭିଜିତ ମୁଖାର୍ଜୀ ଓ ଅନ୍ୟମାନେ।

**ରେମୁଣା, ୩୧।୧୦(ଡି.ଏନ.ଏ.)**

ଇନ୍ଦିରା ଗାନ୍ଧୀ ସ୍ମୃତି କମିଟି ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୩୬ତମ ଶ୍ରାଦ୍ଧଦିବସ ବିଧାନ ଚନ୍ଦ୍ର ରାୟଙ୍କ ସଭାପତିତ୍ୱରେ ପାଳିତ ହୋଇଛି। ପୂର୍ବାହ୍ନରେ ଭାରତର ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ପୁତ୍ର ତଥା ପୂର୍ବତନ ଏମ୍ପି ଅଭିଜିତ ମୁଖାର୍ଜୀ ରେମୁଣା ଗୋଲେଇସ୍ଥିତ ଇନ୍ଦିରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ତାଙ୍କର ବଳିଷ୍ଠ ନେତୃତ୍ୱ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟିସଦସ୍ୟ ତରୁଣ କୁମାର ଦାସ, କହ୍ନେଇ ଚରଣ ବେହେରା, ତୁଷାରକାନ୍ତି ତପସ୍ୱୀ, ମହମ୍ମଦ ଫୁଜ ଆଲାମ, ସୁରଜିତ ପୋଥାଳ, ବାଲେଶ୍ୱର ଜିଲା ଆଇଏନଟିୟୁସିର ସଭାପତି ବିକାଶ କୁମାର ଦାସଙ୍କ ସମେତ ରାମଚନ୍ଦ୍ର ସାହୁ, ଭାଗ୍ୟଶ୍ରୀ ପୋଥାଳ, ଶ୍ରୀମନ୍ତ ପୋଥାଳ ପ୍ରମୁଖ ଯୋଗ ଦେଇଥିଲେ। ତାଙ୍କର ଶ୍ରାଦ୍ଧ ଦିବସରେ ସେହି ମହାନ ଆତ୍ମାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଡାକ୍ତର ରଜନୀକାନ୍ତ ନାୟକ ଧନ୍ୟବାଦ ଦେଇଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ



ଜିଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

**ବାରିପଦା ଅଫିସ, ୩୧।୧୦**

ମୟୂରଭଞ୍ଜ ଜିଲା କଂଗ୍ରେସ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କର ବଳିଦାନ ଦିବସ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ଜିଲା ସଭାପତି ହେମନ୍ତ ଦାସ ଇନ୍ଦିରା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବଳିଦାନ ଦିବସକୁ କିଶାନ ଅଧିକାର ଦିବସ ରୂପେ ପାଳନ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଚାଷୀ ବିଲ୍କୁ ଅଗଣତାନ୍ତ୍ରିକ ଉପାୟରେ ପାସ୍ କରି ଭାଜପା ସରକାର ଚାଷୀ ଓ ଶ୍ରମିକଙ୍କ ଉପରେ ଅନ୍ୟାୟ କରିଛନ୍ତି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ଦରଦାମ ବୃଦ୍ଧିକୁ ରୋକିବାରେ ବିଫଳ ହୋଇଥିବା ବେଳେ ବେକାରୀ ପରିସ୍ଥିତି ଦ୍ରୁତଗତିରେ ବୃଦ୍ଧିପାଉଛି ବୋଲି ପୂର୍ବତନ ଏମ୍ପି ସୁଶୀଳା ତିରିଆ, ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ, ବରିଷ୍ଠ ନେତା ବିଜନ ଦାସ, ଅଶୋକ ଅଧିକାରୀ ପ୍ରମୁଖ ପ୍ରକାଶ କରିଛନ୍ତି । ଏହି ଅବସରରେ ଯୁବ ନେତା ସଞ୍ଜୟ କୁମାର ସେଠୀ ସମର୍ଥକଙ୍କ ସହ ବିଜେଡି ଛାଡି କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି । ଏହି ବିକ୍ଷୋଭରେ ମହିଳା କଂଗ୍ରେସ ସଭାପତି ସୁସ୍ମିତା ଘୋଷ, ଇନ୍ଦୁମତି ମହାନ୍ତ, ସୁନୀତା ବାରିକ, ଅଞ୍ଜନୀ ମହାନ୍ତ, ଅରବିନ୍ଦ ଦାସ, ଯୋଗେଶ ଅଗ୍ରୱାଲଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ଥିଲେ ।

# ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା

**କୁଆମରା, ୩୧।୧୦(ଡି.ଏନ.ଏ.)**

ଗୋପବନ୍ଧୁ ନଗର ବ୍ଲକର ବିଭିନ୍ନ ସ୍ଥାନରେ ମା' ଗଜଲକ୍ଷ୍ମୀଙ୍କ ସାର୍ବଜନୀନ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରୁଣା ବାରିପଦା, ପାଳଶା, ଚିଲିମା, ଭୋଳପୋଖରୀ, ଆଗରପଡା, ଦାମାସାହି, କଣ୍ଟିସାହି, ଚଟୁରୀ ସାହି, ହାଟ ନୂଆଗାଁ, କୁଶଳଦା, ପଶୁଦା, ଭଙ୍ଗାଚଟୁ ଆଦି ମୋଟ ୨୪ଟି ପୂଜା ମଣ୍ଡପରେ ମା'ଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମୀଙ୍କର ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରାଯାଇ ଶୁକ୍ରବାର ରାତିରେ ପୂଜାର୍ଚ୍ଚନା କରାଯାଇଥିଲା। ତେବେ କୋଭିଡ କଟକଣା ଯୋଗୁ ପୂଜାମଣ୍ଡପଗୁଡିକରେ କମ୍ ସଂଖ୍ୟକ ଭକ୍ତଙ୍କ ସମାଗମ ଥିଲା। ଏହି ଅବସରରେ ପୁରୁଣା ବାରିପଦାଠାରେ ପୂଜା କମିଟି ସଭାପତି ସଞ୍ଜୀବ ବେହେରା, ସମ୍ପାଦକ ଜିତେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ୩୮ତମ ବାର୍ଷିକ ପୂଜାରେ କମିଟି ପକ୍ଷରୁ ମାସ୍କ ଓ ସାନିଟାଇଜର ବଣ୍ଟନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଧର୍ମପରାୟଣ ହରେକୃଷ୍ଣ ସାହୁ ଯୋଗଦେଇଥିଲେ। ଜଗନ୍ନାଥ ପାଢୀ, ପ୍ରମୋଦ ମିଶ୍ର, ପିତାମ୍ବର ମିଶ୍ର ପୂଜାର୍ଚ୍ଚନା କରିଥିବା ବେଳେ ଭବରଞ୍ଜନ ସାହୁ, ଭରତ ସିଂ, ରବୀନ୍ଦ୍ର ସାହୁ, ଖେପା ସିଂ ପ୍ରମୁଖ ପରିଚାଳନା କରିଥିଲେ। ଭକ୍ତଙ୍କୁ ପ୍ରସାଦ ରୂପେ ଅନ୍ନ ବଣ୍ଟନ କରାଯାଇ ଥିଲା।

# ବିଜେଡିର ଜନସଚେତନତା ଅଭିଯାନ



ସଚେତନତା ଅଭିଯାନରେ ବାହାରିଥିବା ବିଜେଡି ନେତା ଓ କର୍ମୀ।

**ବନ୍ତ, ୩୧।୧୦(ସ୍ୱ.ପ୍ର.)**

ବନ୍ତ ବ୍ଲକ ଆଗରପଡା ଜୋନର ପୁରୁଷଣ୍ଡ, ମହାନ୍ତିପଡା ଓ ବିଟିପୁର ପଞ୍ଚାୟତରେ ଶନିବାର ବିଜେଡି ପକ୍ଷରୁ ଜନସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବିଜେଡି କର୍ମୀମାନେ ଘରକୁ ଘର ବୁଲି ଲୋକମାନଙ୍କୁ କରୋନା ମହାମାରୀ ସମ୍ପର୍କରେ ସଚେତନ କରାଇବା ସହିତ ମାସ୍କ ବଣ୍ଟନ କରିଥିଲେ। ବାହାରକୁ ଗଲେ ସର୍ବଦା ମାସ୍କ ପରିଧାନ କରିବା ସହିତ ସାମାଜିକ ଦୂରତା ରକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ପୁରୁଷଣ୍ଡରେ ପଞ୍ଚାୟତ ସଭାପତି ଉଦୟନାଥ ସାହୁ, ମହାନ୍ତିପଡାରେ ରବୀନ୍ଦ୍ର ସାହୁ ଓ ବିଟିପୁରରେ ପଞ୍ଚାୟତ ସଭାପତି ସୁନନ୍ଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି ଅଭିଯାନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲାପରିଷଦ ପ୍ରଶାନ୍ତ କୁମାର ଦାଶ, ଏମ୍ପି ପ୍ରତିନିଧି ଶ୍ରୀନାଥ ମହାନ୍ତି, ସମିତିସଭ୍ୟ ଦିଲୀପ ପୁହାଣ, ପ୍ରକାଶ ବିଶ୍ୱାଳ, ନାଏବ ସରପଞ୍ଚ ବିଷ୍ଣୁ ସାହୁ, ବାଙ୍କବିହାରୀ ଯେନା, ଅଶୋକ ପାଣିଗ୍ରାହୀ, ସମିତିସଭ୍ୟ ଭୀଷ୍ମେଶ୍ୱର ଦାସ, ଜୟଦେବ ସିଂହ, କାହ୍ନୁ ଘୋଷ, ଅଶୋକ ସିଂହ, ବିପିନ ବିହାରୀ ଖଟୁଆ, ସନ୍ତୋଷ ପରିଡାଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ।

# ଦନ୍ତାକୁ ନେଇ ଚାଷୀ ଆତଙ୍କିତ

**କୁଆମରା, ୩୧।୧୦(ଡି.ଏନ.ଏ. )**



ଧାନ ପାଚିବା ଆରମ୍ଭ ହେବା ବେଳକୁ ଦନ୍ତାଙ୍କ ପ୍ରବେଶ ନେଇ ଚାଷୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି। ବେତନଟୀ ଅଞ୍ଚଳରେ କିଛି ଦିନ ଧରି ହାତୀ ପଲ ରହୁଥିବାବେଳେ ଶୁକ୍ରବାର ରାତିରେ ଏକ ଦନ୍ତା ଗୋପବନ୍ଧୁ ନଗର ବ୍ଲକର ଆରପଟା ଅଞ୍ଚଳକୁ ପଶିବା ସହ କାଁଶ କାଠପାଳ ରାସ୍ତାରେ ଯାଇ ଶନିବାର ଅପରାହ୍ନରେ ଗୋପାଳପୁର ଅଞ୍ଚଳରେ ପହଞ୍ଚିଛି। ତେବେ ପ୍ରତିବର୍ଷ ନୀଳଗିରି ଅଞ୍ଚଳ କୁଲଡିହା ଜଙ୍ଗଲକୁ ହାତୀଙ୍ପଲ ଏହି ରାସ୍ତା ଦେଇ ଯାଆସ କରନ୍ତି ଓ ରାସ୍ତା ପାର୍ଶ୍ୱ ଚାଷ ଜମିର ପାଚିଲା ଧାନକୁ କ୍ଷତି କରିଥାନ୍ତି। ଅନେକ ସମୟରେ ମଧ କୁଆମରା, ସାଇଁକୁଳା ଓ ଜୟପୁର ଅଞ୍ଚଳକୁ ଯାଇ କ୍ଷୟକ୍ଷତି ଘଟାଇ ଥାନ୍ତି। ତେବେ ଗତ ବର୍ଷ ଦନ୍ତା ସମେତ ୬ଟି ହାତୀ ଗୋପବନ୍ଧୁ ନଗର ବ୍ଲକ ଅଞ୍ଚଳକୁ ପ୍ରବେଶ କରିବା ସହ ବହୁ କ୍ଷୟକ୍ଷତି ଘଟାଇ ଥିଲେ। ପୁଣି ଏବେ ହାତୀ ପଲ ଲେଉଟିବା ଯୋଗୁ ଚାଷୀଙ୍କ ମଧ୍ୟରେ ଭାଳେଣି ପଡିଲାଣି। ତେବେ ରାତିରେ କଣ କ୍ଷୟକ୍ଷତି ଘଟିଛି ତାହା ଜଣାପଡି ନାହିଁ। ରାତିରେ ଯାତାୟାତ ପାଇଁ ବନ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ତେବେ ଫରେଷ୍ଟର ଧ୍ରୁବଚରଣ ବସନ୍ତିଆଙ୍କ କହିବା ଅନୁଯାୟୀ ଦନ୍ତା ଥରେ ବୁଲିଗଲା ପରେ ପୁଣି ଦଳ ନେଇ ଆସିବାରେ ଯଥେଷ୍ଟ ଆଶଙ୍କା ରହିଛି।

# ଆଜିଠୁ ଖୋଲିବ କୁଲଡିହା ଅଭୟାରଣ୍ୟ

**ସଜନାଗଡ଼, ୩୧।୧୦(ଡି.ଏନ.ଏ.)**

**ପର୍ଯ୍ୟଟକଙ୍କୁ ସ୍ୱାଗତ ପାଇଁ ବନ ବିଭାଗ ଚଳଚଞ୍ଚଳ**

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡରେ ଅବସ୍ଥିତ କୁଲଡିହା ଅଭୟାରଣ୍ୟକୁ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ବନ୍ଦ ରଖାଯାଇଥିଲା। ତେବେ ଶୀତ ଋତୁର ଆଗମନରେ ଅଭୟାରଣ୍ୟକୁ ସରକାରଙ୍କର ସମସ୍ତ ଗାଇଡ୍ଲାଇନ୍କୁ ପାଥେୟ କରି ନଭେମ୍ବର ୧ତାରିଖରେ ପର୍ଯ୍ୟଟକମାନଙ୍କ ପାଇଁ କୁଲଡିହା ଅଭୟାରଣ୍ୟ ଖୋଲାଯିବ। କୁଲଡିହା ରେଞ୍ଜର ବିଜୟ ମହାପାତ୍ର ସମସ୍ତ ପ୍ରକାର ପ୍ରସ୍ତୁତି କାର୍ଯ୍ୟ ଶେଷ କରିଛନ୍ତି। ପର୍ଯ୍ୟଟକମାନଙ୍କୁ ସ୍ୱାଗତ କରିବା ପାଇଁ କୁଲଡିହା ବନ ବିଭାଗ କର୍ମଚାରୀ ଅପେକ୍ଷା କରି ରହିଛନ୍ତି। ଏଠାରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ନେଚର୍ସ କ୍ୟାମ୍ପ, ରଷିଆ ଡ୍ୟାମରେ ବୋଟିଂର ବ୍ୟବସ୍ଥା ସହିତ ଅଭୟାରଣ୍ୟ ବନ୍ୟପ୍ରାଣୀଙ୍କୁ ପାଖରୁ ଦେଖିବା ପାଇଁ ବ୍ୟବସ୍ଥା କରାଯାଇଛି। ଆଡ଼ମ୍ବରପୂର୍ଣ୍ଣ ସହକାରେ ପର୍ଯ୍ୟଟକମାନଙ୍କୁ ସ୍ୱାଗତ କରାଯିବ ବୋଲି ରେଞ୍ଜର ବିଜୟ ମହାପାତ୍ର ପ୍ରକାଶ କରିଛନ୍ତି।

## ବାଲେଶ୍ୱର ଉପନିର୍ବାଚନ

# ଭାଜପାରେ ମିଶିଲେ ସଂଖ୍ୟାଲଘୁ

**ବାଲେଶ୍ୱର ଅଫିସ, ୩୧।୧୦**

ବାଲେଶ୍ୱର ଉପନିର୍ବାଚନର ଅନ୍ତିମ ପର୍ଯ୍ୟାୟରେ ଭାଜପାରେ ସଂଖ୍ୟାଲଘୁ ସମ୍ପ୍ରଦାୟର ବହୁ ସଦସ୍ୟ ସାମିଲ ହୋଇଛନ୍ତି। ରାଜ୍ୟ ସଂଖ୍ୟାଲଘୁ ସେଲର ସଭାପତି ସିକନ୍ଦର ଅଲ୍ଲୀଙ୍କ ସଂଯୋଜନା ଓ ଜିଲା ଯୁବମୋର୍ଚ୍ଚା ଉପସଭାପତି ରଞ୍ଜିତ ପ୍ରଧାନଙ୍କ ସହଯୋଗରେ ଶନିବାର ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଂଖ୍ୟାଲଘୁଙ୍କ ଲାଗି ବହୁଜନହିତକର ଯୋଜନା ଏବଂ ଭିନ୍ନ ଭିନ୍ନ ଆଇନ ପ୍ରଣୟନ କରିଥିବାରୁ ଏହି ମିଶ୍ରଣରେ ଯୋଗଦେଇଥିବା ନବାଗତ ସଦସ୍ୟମାନେ ପ୍ରକାଶ କରିଛନ୍ତି। ସ୍ଥାନୀୟ ଏମ୍ପି ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱକୁ ଭରସା କରିଛନ୍ତି ବାଲେଶ୍ୱର ସଂଖ୍ୟାଲଘୁ ସମ୍ପ୍ରଦାୟ।

ବାଲେଶ୍ୱର ସହଦେବଖୁଣ୍ଟାଠାରେ ଆୟୋଜିତ ମିଶ୍ରଣ ପର୍ବରେ ଭାଜପାର ବରିଷ୍ଠ ନେତା କନକବର୍ଦ୍ଧନ ସିଂଦେଓ, ମୂରଲୀ ମନୋହର ଶର୍ମା, ପ୍ରବୀଣ ଭଞ୍ଜଦେଓ, ସଂଖ୍ୟାଲଘୁ ମୋର୍ଚ୍ଚାର ସଭାପତି ସିକନ୍ଦର ଅଲ୍ଲୀ ଓ ଜିଲା ମିଡ଼ିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ ପ୍ରମୁଖ ନବାଗତ ସଦସ୍ୟମାନଙ୍କୁ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ବିଜୁ ଛାତ୍ର ଜନତା ଦଳର ନେତା ଫୟାଜ ଅହମ୍ମଦଙ୍କ ନେତୃତ୍ୱରେ ଅଜୟ ଜେନା, ଗିରିଜା ଜେନା, ଜ୍ଞାନ ବେହେରା ପ୍ରମୁଖ ଶତାଧିକ ସଦସ୍ୟ ଭାଜପାରେ ଯୋଗ ଦେଇଛନ୍ତି।


ନବାଗତଙ୍କୁ ସ୍ୱାଗତ କରୁଛନ୍ତି ଭାଜପାର ବରିଷ୍ଠ ନେତା।

# ମହିଳା ଭୋଟ ଉପରେ ବିଜେଡିର ନଜର

**ବାଲେଶ୍ୱର ଅଫିସ:**

ଉପନିର୍ବାଚନର ଶେଷ ପର୍ଯ୍ୟାୟରେ ବିଜେଡି ବିଭିନ୍ନ ସ୍ଥାନରେ ମାରାଥନ ପ୍ରଚାର ଚଳାଇଛି। ଘର ଘର ବୁଲି ପ୍ରଚାର ସହ ନିର୍ବାଚନୀ ସଭା, ଶତାଧିକ ମହିଳା, ପୁରୁଷଙ୍କ ରାଲି, ପଦଯାତ୍ରା ଆୟୋଜନ କରୁଛନ୍ତି। ସବୁକ୍ଷେତ୍ରରେ ମହିଳାଙ୍କର ପ୍ରାଧାନ୍ୟ ରହୁଛି। ପ୍ରତ୍ୟେକ ସଭାସମିତିରେ ମହିଳାଙ୍କ ସଂଖ୍ୟା ଅଧିକ କରିବା ପାଇଁ ସୁଚିନ୍ତିତ ଯୋଜନାରେ କାର୍ଯ୍ୟ ହେଉଥିବା ଦେଖିବାକୁ ମିଳିଛି। ଦଳୀୟ ପ୍ରାର୍ଥୀ ସ୍ୱରୂପ କୁମାର ଦାସ ମହିଳାମାନଙ୍କ ସମ୍ମାନ ରକ୍ଷା ପାଇଁ କାର୍ଯ୍ୟ କରିବେ ବୋଲି ବକ୍ତବ୍ୟରେ କହୁଛନ୍ତି।

ଶନିବାର ପ୍ରାର୍ଥୀ ସ୍ୱରୂପଙ୍କ ସମେତ ବହୁ ବରିଷ୍ଠ ନେତା, ମନ୍ତ୍ରୀ, ବିଧାୟକ ନିର୍ବାଚନମଣ୍ଡଳୀର କସିପଦା, ଆଙ୍ଗୋ, ରୂପ୍ସା, ଶ୍ରୀକୋଣା, ରାଇସୁଆଁ, ବୁଆଁଳ ଏବଂ ସିନ୍ଧିଆ ପଞ୍ଚାୟତରେ ଜୋରଦାର ପ୍ରଚାର ସହ ସାମୂହିକ ବୈଠକ ଆୟୋଜନ କରିଥିଲେ। ସେହିପରି ପୌରାଞ୍ଚଳର ୫, ୬, ୨୨ ଓ ୨୪ ନମ୍ବର ୱାର୍ଡ଼ରେ ଘର ଘର ବୁଲି ପ୍ରଚାର ସହ ପଦଯାତ୍ରା କରିଥିଲେ। ସଦର ବ୍ଲକ ଶ୍ରୀକୋଣା ପଞ୍ଚାୟତ ଝାମ୍ପୁରା ହାଟ ନିକଟରେ ଆୟୋଜିତ ନିର୍ବାଚନୀ ସଭାରେ ଶକ୍ତିମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ଦାୟିତ୍ୱ ନେଇଥିଲେ। କସିପଦାରେ ହୋଇଥିବା ନିର୍ବାଚନୀ ସଭାରେ ଦାୟିତ୍ୱ ନେଇଥିଲେ ପର୍ଯ୍ୟବେକ୍ଷକ ବିଜୟ ନାୟକ। ଉଭୟ ବୈଠକରେ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀଙ୍କର ଜନହିତକର କାର୍ଯ୍ୟ ଉପରେ ଫୋକସ କରାଯାଇଥିବା ବେଳେ ମହିଳାମାନଙ୍କୁ ସଶକ୍ତିକରଣ କରି ସେମାନେ କିପରି ଭାବେ ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବରିଷ୍ଠ ନେତା ପ୍ରସନ୍ନ ପାଟଶାଣୀ ତାଙ୍କ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀ କରୋନା ମହାମାରୀକୁ ସୁଚାରୁ ରୂପେ ପରିଚାଳନା କରିଥିବାରୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ପ୍ରଶଂସା କରାଯାଇଛି ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିରେ ଉପନିର୍ବାଚନ ପାଇଁ ପ୍ରାର୍ଥୀ ହୋଇଥିବା ସ୍ୱରୂପ ଦାସଙ୍କୁ ଭୋଟ୍ ଦେଇ ବିଜୟୀ କରିବା ପାଇଁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ପ୍ରତାପ ଜେନା, ପର୍ଯ୍ୟଟନମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ରାଜ୍ୟ ଉପସଭାପତି ଦେବୀ ମିଶ୍ର, ପୂର୍ବତନ ଏମ୍ପି ତଥା ଜିଲା ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା, ଚଳଚ୍ଚିତ୍ର ଅଭିନେତା ତଥା ପୂର୍ବତନ ବିଧାୟକ ଆକାଶ ଦାସ, ବରିଷ୍ଠ ନେତା ହରପ୍ରସାଦ ସାହୁ, ଯଯାତି ଦାସ ପ୍ରମୁଖ ମଞ୍ଚାସୀନ ହୋଇ ରାଜ୍ୟ ସରକାରଙ୍କ ବିକାଶ ଉପରେ ଆଲୋକପାତ କରିବା ସହ ଭୋଟ୍ ପାଇଁ ନିବେଦନ କରିଥିଲେ। ସେହିପରି ଆଙ୍ଗୋ ପଞ୍ଚାୟତରେ ସଞ୍ଜୀବ ସାହୁ, ରୂପ୍ସା ପଞ୍ଚାୟତରେ ମୁକ୍ତିକାନ୍ତ ମଣ୍ଡଳ, ରାଇସୁଆଁରେ ଶ୍ରୀକାନ୍ତ ସାହୁ ଆୟୋଜିତ କାର୍ଯ୍ୟକ୍ରମରେ ଦାୟିତ୍ୱ ତୁଲାଇଥିଲେ। ଅପରାହ୍ନରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ଏକ ସ୍କୁଟି ରାଲି ସହର ପରିକ୍ରମା କରିଥିଲା। ଏହାକୁ ଜିଲା ସଭାପତି ଜେନା ଉଦ୍ଘାଟନ କରିଥିଲେ। ଟାଉନ ସଭାନେତ୍ରୀ ରଞ୍ଜିତା ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ ମହିଳା ସ୍କୁଟି ରାଲି ମାଧ୍ୟମରେ ପ୍ରଚାର କରି ବିଜେଡି ସପକ୍ଷରେ ଲୋକଙ୍କୁ ଆକର୍ଷିତ କରିବା ପାଇଁ ଚେଷ୍ଟା କରିଥିଲେ।


ଶ୍ରୀକୋଣା ପଡ଼ିଆରେ ଆୟୋଜିତ ନିର୍ବାଚନୀ ସଭାରେ ବିଜେଡି ପ୍ରାର୍ଥୀଙ୍କ ସମେତ ବହୁ ବରିଷ୍ଠ ନେତା, ମନ୍ତ୍ରୀ ଓ ଅନ୍ୟମାନେ।

